ସୁଶ୍ରୀ ସ୍ୱାତୀ ଗୁପ୍ତା

ବନାମ

ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ଫେବୃଆରୀ 2,1995

[ଆର୍.ଏମ୍. ସାହାଇ ଏବଂ ଏସ୍.ସି. ସେନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ--ଅନୁଚ୍ଛେଦ 16, 14, 19 ଏବଂ 21-- ଉତ୍ତର ପ୍ରଦେଶର ଭେଷଜ ମହାବିଦ୍ୟାଳୟରେ 65% ସାଧାରଣ ଆସନରେ ଉର୍ଦ୍ଧ୍ୱମୁଖୀ ସଂରକ୍ଷଣ ବ୍ୟବସ୍ଥା-- ଇନ୍ଦିରା ସାହନୀ ବନାମ ଭାରତ ସଂଘ, [1992] ଏସୟୁପିପି. 3 ଏସସିସି 217 ମାମଲାରେ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ସୁନିଶ୍ଚିତତା ଏବଂ ଅନୁପାତର ଉଲ୍ଲଂଘନ ହେଉଛି କି -- ବିଶ୍ୱବିଦ୍ୟାଳୟର ପରବର୍ତ୍ତୀ ପରିପତ୍ର ଚିଠି -- ବିଭିନ୍ନ ବର୍ଗ ସମ୍ବନ୍ଧରେ ସ୍ପଷ୍ଟିକରଣ -- ଉର୍ଦ୍ଧ୍ୱମୁଖୀ ସଂରକ୍ଷଣ ସହିତ ସମାନ୍ତରାଳ ସଂରକ୍ଷଣ ମଧ୍ୟ।*

**ଅବେଦନକାରୀ ଦାବି କରିଛନ୍ତି ଯେ ଉତ୍ତର ପ୍ରଦେଶର ଭେଷଜ ମହାବିଦ୍ୟାଳୟମାନଙ୍କରେ ସାଧାରଣ ଆସନରେ 65 ପ୍ରତିଶତ ସଂରକ୍ଷଣ, ସମ୍ବିଧାନର ଅନୁଚ୍ଛେଦ 16, 14, 19 ଏବଂ 21 ଏବଂ ଇନ୍ଦିରା ସାହନୀ ମାମଲାରେ ନିର୍ଦ୍ଧାରିତ ଅନୁପାତର ଉଲଂଘନ ଥିଲା ।**

**ଅନୁଚ୍ଛେଦ 32 ଅନୁଯାୟୀ ଆବେଦନ ଦାଖଲ କରିବା ପରେ, ୟୁ. ପି. ସରକାର ଆଉ ଏକ ଅଧିସୂଚନା ଜାରି କରିଥିଲେ ଏବଂ ଭେଷଜ ମହାବିଦ୍ୟାଳୟଗୁଡ଼ିକରେ ସଂରକ୍ଷଣ ସମ୍ବନ୍ଧରେ ନିଜର ନୀତି ସ୍ପଷ୍ଟ କରିଥିଲେ । ସ୍ପଷ୍ଟୀକରଣରେ ପ୍ରତ୍ୟେକ ଗୋଷ୍ଠୀ ପାଇଁ ନିର୍ଦ୍ଧାରିତ ପ୍ରତିଶତରେ ପାଞ୍ଚଟି ନିର୍ଦ୍ଦିଷ୍ଟ ଗୋଷ୍ଠୀ ମାଧ୍ୟମରେ ପୂରଣ ହେବାକୁ ଥିବା ମୋଟ ଆସନ ଉପରେ ଉର୍ଦ୍ଧ୍ୱମୁଖୀ ସଂରକ୍ଷଣର ରୂପରେଖ ପ୍ରଦାନ କରାଯାଇଛି । ଯୋଗ୍ୟତା ଆଧାରରେ ଚୟନ ହୋଇଥିବା ଉକ୍ତ ପାଞ୍ଚଟି ବର୍ଗର ପ୍ରାର୍ଥୀଙ୍କୁ ଅନୁସୂଚିତ ଜାତି /ଅନୁସୂଚିତ ଜନଜାତି /ଅନ୍ୟ ପଛୁଆ ଜାତି /ସାଧାରଣ ବର୍ଗରେ ରଖାଯିବ ଯେଉଁ ବର୍ଗରୁ ସେମାନେ ଆସିଥିବେ ଏବଂ ସେମାନଙ୍କ ପାଇଁ 15 ପ୍ରତିଶତର ଅତିରିକ୍ତ ଆସନ ସଂରକ୍ଷଣ ନଥିଲା । ଏସସି/ଏସଟି/ଓବିସି ପାଇଁ ଉର୍ଦ୍ଧ୍ୱମୁଖୀ ସଂରକ୍ଷଣ ଯଥାକ୍ରମେ 21 ପ୍ରତିଶତ, 2 ପ୍ରତିଶତ ଏବଂ 27 ପ୍ରତିଶତ ହେବ ଏବଂ ଏହି ପ୍ରତ୍ୟେକ ବର୍ଗର ମହିଳାମାନଙ୍କ ପାଇଁ 30 ପ୍ରତିଶତ ଆସନ ସଂରକ୍ଷିତ ରହିବ ।**

**ଆବେଦନର ଫଏସଲା କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ 1.1 ସଂଶୋଧିତ ପରିପତ୍ରକୁ ସାଧାରଣ ଏବଂ ଏସସି/ଏସଟି/ଓବିସି ବର୍ଗ ପାଇଁ 50-50 ଆଧାରରେ ଉର୍ଦ୍ଧ୍ୱମୁଖୀ ସଂରକ୍ଷଣର ବ୍ୟବସ୍ଥା ଦ୍ୱାରା ସ୍ପଷ୍ଟ ଅସଙ୍ଗତିକୁ ସଂଶୋଧନ କରାଯାଇଛି ଏବଂ ଅନ୍ୟ ବିଭିନ୍ନ ବର୍ଗରେ 15 ପ୍ରତିଶତ ଆସନ ସଂରକ୍ଷଣକୁ ସମାନ୍ତରାଳ କରାଯାଇଛି ଅର୍ଥାତ୍ ସମସ୍ତ ଆସନ ପାଇଁ ଏହାକୁ ବିସ୍ତାର କରାଯାଇଛି ।**

**1.2 ବାଦୀଙ୍କ ଅଭିଯୋଗ ସରକାରଙ୍କ ସ୍ୱଷ୍ଟୀକରଣ ସହିତ ତିଷ୍ଠି ପାରି ନାହିଁ ଯେ ପାଞ୍ଚଟି ନିର୍ଦ୍ଦିଷ୍ଟ ସମାନ୍ତରାଳ ଗୋଷ୍ଠୀର ଯୋଗ୍ୟତା ଉପରେ ମନୋନୀତ ପ୍ରାର୍ଥୀମାନେ ଯେଉଁ ବର୍ଗରୁ ଆସିଥିବେ ତାହା ଉପରେ ନିର୍ଭର କରି ସାଧାରଣ କିମ୍ବା ସଂରକ୍ଷିତ ବର୍ଗରେ ସମାୟୋଜନ ହେବେ । ଏଭଳି ସଂରକ୍ଷଣ ଇନ୍ଦିରା ସାହନୀଙ୍କ ମାମଲାରେ ନିର୍ଦ୍ଧାରିତର ବିପରୀତ ନୁହେଁ।**

*ଇନ୍ଦିରା ସାହନୀ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1992] ଏସୟୁପିପି. 3 ଏସସିସି 217, ମାମଲାକୁ ଉଲ୍ଲେଖ କରାଯାଇଛି ।**

ମୂଳ ଦେୱାନୀ କ୍ଷେତ୍ରାଧିକାର: ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 777/ 1994

(ଭାରତର ସମ୍ବିଧାନର ଅନୁଛେଦ 32 ଅଧୀନରେ)

ଅଶରଫ ଚୌଧୁରୀ, ସୁଶ୍ରୀ ଏମ୍. ଚୌଧୁରୀ, ସାହିଦ ରିଜଭି ଏବଂ ଆର୍. ଏନ୍. କେଶୱାନୀ ଅବେଦନକାରୀଙ୍କ ପାଇଁ।

ଡ଼ାଃ. ରାଜୀବ ଧାୱନ ଏବଂ ଆର. ବି. ମିଶ୍ର ଉତ୍ତରଦାତାଙ୍କ ପାଇଁ ।

ପ୍ରଦୀପ ମିଶ୍ର ଉତ୍ତରଦାତା ସଂଖ୍ୟା 3 ପାଇଁ ।

ଏହି ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

1994 ମସିହାରେ ୟୁ. ପି. ରାଜ୍ୟରେ ଅନୁଷ୍ଠିତ ମିଳିତ ପ୍ରାକ୍-ଡାକ୍ତରୀ ପରୀକ୍ଷାରେ ଭାଗ ନେଇଥିବା ଆବେଦନକାରୀ, ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି କରାଯାଇଥିବା ଏକ ପରିପତ୍ରକୁ ଆପତ୍ତି କରିଥିଲେ, ଯାହା 17 ମଇ 1994ରେ ୟୁ. ପି. ସରକାରଙ୍କ ସଚିବଙ୍କ ଦ୍ୱାରା ଜାରି ହୋଇଥିବା ଏକ ଚିଠି ଆଧାରରେ ଥିଲା । ଦାବି କରାଯାଇଥିଲା ଯେ ଭେଷଜ ମହାବିଦ୍ୟାଳୟଗୁଡ଼ିକରେ 65 ପ୍ରତିଶତ ସାଧାରଣ ଆସନରେ ସଂରକ୍ଷଣ ସମ୍ବିଧାନର ଅନୁଛେଦ 16, 14, 19 ଏବଂ 21 ଅନୁଯାୟୀ ସାମ୍ବିଧାନିକ ସୁନିଶ୍ଚିତତା ଏବଂ *ଇନ୍ଦିରା ସାହନୀ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ* [1992] ଏସୟୁପିପି. 3 ଏସସିସି 217 ମାମଲାରେ ପ୍ରଦାନ କରାଯାଇଥିବା ନିର୍ଦ୍ଧାରିତ ଅନୁପାତର ଉଲ୍ଲଂଘନ ଅଟେ । ଆବେଦନ ଦାଖଲ ହେବା ପରେ ସରକାର ସଂରକ୍ଷଣ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ସ୍ୱଷ୍ଟ କରି 17.12.1994 ରେ ଅନ୍ୟ ଏକ ଅଧିସୂଚନା ଜାରି କରିଥିଲେ ।ଏହାର ପ୍ରାସଙ୍ଗିକ ଅଂଶଗୁଡ଼ିକ ନିମ୍ନରେ ଉଦ୍ଧୃତ କରାଗଲା:

> "17.5.94 ତାରିଖର ଜି. ଓ. ସଂଖ୍ୟା 2697/ସେକ୍-14/v-94/III/93 ରେ ଉପରୋକ୍ତ ବିଷୟର ନିରାନ୍ତରତା, ସରକାରଙ୍କ ନୀତିକୁ ସ୍ୱଷ୍ଟ କରିବାକୁ ଯାଇ, ମୋତେ କହିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେ ସମସ୍ତ ଭେଷଜ ମହାବିଦ୍ୟାଳୟଗୁଡିକରେ 1994 ମସିହାର ମିଳିତ ପ୍ରାକ୍-ଡାକ୍ତରୀ ପରୀକ୍ଷା (ସି.ପି.ଏମ.ଟି) ମାଧ୍ୟମରେ ପୂରଣ ହେବାକୁ ଥିବା ସମସ୍ତ ପାଠ୍ୟକ୍ରମର ମୋଟ ଆସନରେ ସମାନ୍ତରାଳ ସଂରକ୍ଷଣ ପ୍ରଦାନ କରାଯିବ ।

| | |
|---|---|
| 1. ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରକୃତ ନିର୍ଭରଶୀଳ ସଦସ୍ୟ | 05 ପ୍ରତିଶତ |
| 2. ମୃତ ଏବଂ ଅକ୍ଷମ ସୈନିକଙ୍କ ପୁଅ/ଝିଅ | 02 ପ୍ରତିଶତ |
| 3. ଶାରୀରିକ ବିକଳାଙ୍ଗ ପ୍ରାର୍ଥୀ | 02 ପ୍ରତିଶତ |
| 4. ପାର୍ବତ୍ୟାଞ୍ଚଳ ପ୍ରାର୍ଥୀ | 3 ପ୍ରତିଶତ |
| 5. ଉତ୍ତରାଞ୍ଚଳ ଅଞ୍ଚଳର ପ୍ରାର୍ଥୀ | 3 ପ୍ରତିଶତ |

2. ଉପରୋକ୍ତ ସଂରକ୍ଷଣ 'ସମାନ୍ତରାଳ' ହେବ ଏବଂ ଯୋଗ୍ୟତା ଆଧାରରେ ଚୟନ ହୋଇଥିବା ଉପରୋକ୍ତ ବର୍ଗର ପ୍ରାର୍ଥୀମାନଙ୍କୁ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାଧାରଣ ବର୍ଗ ଅଧୀନରେ ରଖାଯିବ ଯେଉଁଥିରୁ ସେମାନେ ଆସିଥିବେ । ଉଦାହରଣ ସ୍ୱରୂପ, ଯଦି ସଂରକ୍ଷଣ ଆଧାରରେ ଚୟନ ହୋଇଥିବା ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ନିର୍ଭରଶୀଳ ପ୍ରାର୍ଥୀ ଅନୁସୂଚିତ ଜାତିର ଅଟନ୍ତି, ତେବେ ତାଙ୍କୁ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଆସନରେ ବ୍ୟବସ୍ଥିତ କରାଯିବ । ସେହିଭଳି, ଯଦି ସଂରକ୍ଷଣ ଆଧାରରେ ଚୟନ ହୋଇଥିବା ଜଣେ ଶାରୀରିକ ବିକଳାଙ୍ଗ ପ୍ରାର୍ଥୀ ଅନ୍ୟ ପଛୁଆ ବର୍ଗ କିମ୍ବା ସାଧାରଣ ବର୍ଗର ହୋଇଥାନ୍ତି, ତେବେ ତାଙ୍କୁ ଅନ୍ୟ ପଛୁଆ ବର୍ଗ କିମ୍ବା ସାଧାରଣ ବର୍ଗ ପାଇଁ ସଂରକ୍ଷିତ ଆସନରେ ବ୍ୟବସ୍ଥିତ କରାଯିବ ।

3. ମୋତେ ଏହା ମଧ୍ୟ କହିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେ ସମସ୍ତ ଭେଷଜ ମହାବିଦ୍ୟାଳୟମାନଙ୍କରେ 1994 ମସିହାର ସି.ପି.ଏମ.ଟି ମାଧ୍ୟମରେ ପୂରଣ ହେବାକୁ ଥିବା ସମସ୍ତ ପାଠ୍ୟକ୍ରମର ମୋଟ ଆସନ ଉପରେ "ସମାନ୍ତରାଳ" ସଂରକ୍ଷଣ ପ୍ରଦାନ କରାଯିବ ।

| | | |
|---|---|---|
| (a) ଅନୁସୂଚିତ ଜାତି ପ୍ରାର୍ଥୀମାନଙ୍କୁ | -21 ପ୍ରତିଶତ | 30 ପ୍ରତିଶତ ଆସନ ପ୍ରତ୍ୟେକ ବର୍ଗରେ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । |
| (b) ଅନୁସୂଚିତ ଜନଜାତି- ପ୍ରାର୍ଥୀମାନଙ୍କୁ | 02 ପ୍ରତିଶତ | |
| (ଗ) ଅନ୍ୟ ପଛୁଆ ଶ୍ରେଣୀ ପ୍ରାର୍ଥୀମାନଙ୍କୁ | -27 ପ୍ରତିଶତ | |

ପୂର୍ବ ପରିପତ୍ରରେ ସଂରକ୍ଷଣ ପାଇଁ ଯେଉଁ ବ୍ୟବସ୍ଥା ପ୍ରାସଙ୍ଗିକ, ତାହା ନିମ୍ନରେ ଦିଆଗଲା:

"1994 ମସିହାର ସି.ପି.ଏମ.ଟି. ଜରିଆରେ ପୂରଣ କରାଯାଇଥିବା ମୋଟ ଆସନଗୁଡ଼ିକ ମଧ୍ୟରୁ 35 ପ୍ରତିଶତ ଆସନ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ଏବଂ ଅବଶିଷ୍ଟ 65 ପ୍ରତିଶତ ଆସନ ସଂରକ୍ଷିତ ବର୍ଗ ପାଇଁ ସଂରକ୍ଷିତ ରହିବ, ଯାହା ପ୍ରାର୍ଥୀଙ୍କ ନିମ୍ନଲିଖିତ ବର୍ଗଗୁଡ଼ିକ ତୁଳନାରେ ନିର୍ଦ୍ଧାରିତ ପ୍ରତିଶତ ମଧ୍ୟରେ ସୀମିତ ରହିବ ।

| ସଂରକ୍ଷିତ ବର୍ଗଗୁଡ଼ିକ | | ସଂରକ୍ଷିତ ଆସନଗୁଡ଼ିକର ପ୍ରତିଶତ |
|---|---|---|
| 1.ପଛୁଆ ବର୍ଗ | 27% | (ସେମାନଙ୍କ ମଧ୍ୟରୁ 30 ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷିତ) |
| 2. ପାର୍ବତ୍ୟାଞ୍ଚଳ | 3% | (ସେମାନଙ୍କ ମଧ୍ୟରୁ 30 ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷିତ) |
| 3. ଉତ୍ତରାଖଣ୍ଡ ଅଞ୍ଚଳ | 3% | (30% ମହିଳାମାନଙ୍କ ପାଇଁ ସଂରକ୍ଷିତ) |
| 4. ଅନୁସୂଚିତ ଜାତି | 21% | (30% ମହିଳାମାନଙ୍କ ପାଇଁ ସଂରକ୍ଷିତ) |
| 5. ଅନୁସୂଚୀତ ଜନଜାତି | 2% | (30% ମହିଳାମାନଙ୍କ ପାଇଁ ସଂରକ୍ଷିତ) |
| 6. ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରକୃତ ନିର୍ଭରଶୀଳ ସଦସ୍ୟ | 5% | (30% ମହିଳାମାନଙ୍କ ପାଇଁ ସଂରକ୍ଷିତ) |
| 7. ଯୁଦ୍ଧ/କାର୍ଯ୍ୟାନୁଷ୍ଠାନରେ ବିକଳାଙ୍ଗ କିମ୍ବା ନିହତ ହୋଇଥିବା ସୈନିକଙ୍କ ଝିଅ/ପୁଅ | 2% | (30% ମହିଳାମାନଙ୍କ ପାଇଁ ସଂରକ୍ଷିତ) |
| 8. ଭିନ୍ନକ୍ଷମଙ୍କ ପାଇଁ ପ୍ରାର୍ଥୀମାନଙ୍କ | 2% | (30% ମହିଳାମାନଙ୍କ ପାଇଁ ସଂରକ୍ଷିତ)। |
| | 65% | |

ଅବଶିଷ୍ଟ ଆସନଗୁଡ଼ିକ ସାଧାରଣ ବର୍ଗର ହେବ, ଯେଉଁଥିରେ ମହିଳାମାନଙ୍କ ପାଇଁ 30 ପ୍ରତିଶତ ସଂରକ୍ଷଣ ରହିବ ।

65 ପ୍ରତିଶତ ସଂରକ୍ଷଣ ଫଳରେ ସାଧାରଣ ବର୍ଗ 35 ପ୍ରତିଶତକୁ ହ୍ରାସ ପାଇଥିଲା, ଯାହା ନିଃସନ୍ଦେହରେ ଧାରା 16ରେ ଉଲ୍ଲଙ୍ଘନ ଥିଲା । ଆହୁରି ମଧ୍ୟ ମହିଳାମାନଙ୍କ ପାଇଁ 30 ପ୍ରତିଶତ ସାଧାରଣ ଆସନ ସଂରକ୍ଷଣ କରି ସାଧାରଣ ବର୍ଗ 5 ପ୍ରତିଶତକୁ ସଙ୍କୁଚିତ ହୋଇଛି କିନ୍ତୁ ସଂଶୋଧିତ ପରିପତ୍ର ଦ୍ୱାରା ଏହି ସ୍ପଷ୍ଟ ଅସଙ୍ଗିତିକୁ ସଂଶୋଧନ କରାଯାଇଛି । ମହିଳାମାନଙ୍କ ପାଇଁ 30 ପ୍ରତିଶତ ସଂରକ୍ଷଣ ଏବେ ସଂଶୋଧିତ ପରିପତ୍ରର ପାରା (3) ମଧ୍ୟରେ ସୀମିତ ରହିଛି । ରାଜ୍ୟ ତରଫରୁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା ଡକ୍ଟର ଧାୱନ ସ୍ପଷ୍ଟ କରିଛନ୍ତି ଯେ ସଂଶୋଧିତ ପରିପତ୍ରରେ ଏକ ବିବୃତି ଦେବାକୁ ତାଙ୍କୁ ନିର୍ଦ୍ଦେଶ ରହିଛି ଯେ ବର୍ତ୍ତମାନ ସାଧାରଣ ବର୍ଗରେ ମହିଳାଙ୍କ ପାଇଁ କୌଣସି ସଂରକ୍ଷଣ ନାହିଁ।

ସେହିଭଳି, ପରିପତ୍ରରେ ଥିବା ଅନ୍ୟ ତ୍ରୁଟି ଯେପରିକି ସାଧାରଣ ବର୍ଗ ପାଇଁ ଥିବା 35 ପ୍ରତିଶତ ଆସନ ସଂରକ୍ଷଣକୁ  ଦୂର କରାଯାଇଛି । ବର୍ତ୍ତମାନ ସାଧାରଣ ବର୍ଗ ପାଇଁ 50 ପ୍ରତିଶତ ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ପଛୁଆ ବର୍ଗ ପାଇଁ 50 ପ୍ରତିଶତ ସଂରକ୍ଷଣ ରହିଛି । ପୂର୍ବ ପରିପତ୍ରରେ ଉଲ୍ଲେଖ କରାଯାଇଥିବା ବିଭିନ୍ନ ବର୍ଗ ପାଇଁ 15 ପ୍ରତିଶତ ସଂରକ୍ଷଣ, ଯାହା ସମାନ୍ତରାଳ ସଂରକ୍ଷଣ କାରଣରୁ ସାଧାରଣ ବର୍ଗକୁ 35 ପ୍ରତିଶତକୁ ହ୍ରାସ କରିଥିଲା, ବର୍ତ୍ତମାନ ଏହାକୁ ସମସ୍ତ ଆସନ ପାଇଁ ବିସ୍ତାର କରି ସଂଶୋଧିତ ପରିପତ୍ରରେ ସମାନ୍ତରାଳ କରାଯାଇଛି । ଏହି ସଂରକ୍ଷଣ ଆଉ ସାଧାରଣ ବର୍ଗରେ ନାହିଁ। ସଂଶୋଧିତ ପରିପତ୍ର ସି.ପି.ଏମ.ଟି ରେ ଥିବା ସମସ୍ତ ଆସନକୁ ଦୁଇଟି ବର୍ଗରେ ବିଭକ୍ତ କରେ-ଗୋଟିଏ, ସାଧାରଣ ଏବଂ ଅନ୍ୟଟି ସଂରକ୍ଷିତ । ଉଭୟଙ୍କୁ 50 ପ୍ରତିଶତ ଆବଣ୍ଟନ କରାଯାଇଛି । ପରିପତ୍ରର ପାରା 2 ରେ କୁହାଯାଇଛି ଯେ ଯେଉଁ ପ୍ରାର୍ଥୀମାନେ ଯୋଗ୍ୟତା ଆଧାରରେ ଚୟନ ହୋଇଛନ୍ତି ଏବଂ ପାରା 1 ରେ ଉଲ୍ଲିଖିତ ବର୍ଗର ଅଟନ୍ତି, ସେମାନେ କେଉଁ ବର୍ଗର ଅଟନ୍ତି ତାହା ଉପରେ ନିର୍ଭର କରି

ସାଧାରଣ କିମ୍ବା ସଂରକ୍ଷିତ ବର୍ଗରେ ବ୍ୟବସ୍ଥିତ ହେବେ, *ଇନ୍ଦିରା ସାହନୀ* (ଉପୋରୋକ୍ତ) ମାମଲାରେ ଏହି ନ୍ୟାୟାଳୟ ଏହିପରି ସଂରକ୍ଷଣ ବିଷୟରେ ଯାହା କହିଥିଲେ ତା 'ର ବିପରୀତ ନୁହେଁ ।  ଏହିପରି ବ୍ୟକ୍ତିମାନଙ୍କ ପାଇଁ ସଂରକ୍ଷଣ କରାଯିବା ଉଚିତ ଥିଲା କି ନାହିଁ, ଏହାକୁ ଆପତ୍ତି କରାଯାଇ ନଥିଲା, ତେଣୁ, ଏହି ନ୍ୟାୟାଳୟ ଏହାକୁ ଯାଞ୍ଚ କରିବାର ଆବଶ୍ୟକତା ନାହିଁ।

ଫଳସ୍ୱରୂପ ଏହି ଆବେଦନର ଫଏସଲା କରି ନିର୍ଦ୍ଦେଶ ଦିଆଯାଇଛି ଯେ 17.12.1994 ରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପରିପତ୍ରର ପାରା (2) ର ସ୍ପଷ୍ଟୀକରଣ ଦୃଷ୍ଟିରେ ଆବେଦନକାରୀଙ୍କ ଅଭିଯୋଗ ତିଷ୍ଠି ରହିଛି ବୋଲି କୁହାଯାଇପାରିବ ନାହିଁ । ଏହି ନ୍ୟାୟାଳୟର ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ଆଦେଶରେ ପ୍ରଦାନ କରାଯାଇଥିବା ସ୍ଥଗିତାଦେଶକୁ ଉଠାଇଦିଆଗଲା  ।

ଏ. ଜି.                                                                                    ଆବେଦନର ଫଏସଲା କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।